# ସଂବିଧାନର କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନଙ୍କ କତିପୟ ସୁପାରିଶ୍

(୧) ସମ୍ବାଦପତ୍ରର ସ୍ୱାଧିନତା ଓ ସୂଚନାପ୍ରାପ୍ତିର ଅଧିକାରକୁ ସଂବିଧାନର ଧାରା ୧୯ (୧)କ ରେ ଯୋଡାଯାଉ ।

(୨) ଔପନିବେଶିକ ଯୁଗରୁ ଚଳିଆସିଥିବା ବର୍ତ୍ତମାନର ଅଦାଲତ ଅବମାନନା ଆଇନ୍‌ରେ ସଂସ୍କାର ଆବଶ୍ୟକ । ଏଥିପାଇଁ କୋର୍ଟ ଅଭିଯୁକ୍ତ ଅବମାନନାକାରୀକୁ 'ସତ୍ୟ ବୟାନ ଭିତ୍ତିରେ ଆତ୍ମପକ୍ଷର ଯଥାର୍ଥତା ପ୍ରତିପାଦନ (Defence of Justification by Truth)' ପାଇଁ ପ୍ରଥମେ ସୁଯୋଗ ଦେବା ଦରକାର । ଏହି ମର୍ମରେ ଏକ ଖଣ୍ଡବାକ୍ୟ ସଂବିଧାନର ଧାରା ୧୯(୨)ରେ ଯୋଡାଯାଉ ।

(୩) ଜୀବନ ଓ ସ୍ୱାଧିନତାର ଅଧିକାରରୁ ବେଆଇନ୍‌ଭାବେ ବଞ୍ଚିତ ବ୍ୟକ୍ତିଙ୍କୁ କ୍ଷତିପୂରଣ ମିଳୁ । ଏଥିପାଇଁ ସଂବିଧାନର ଧାରା ୨୧ରେ ଏକ ଖଣ୍ଡବାକ୍ୟ ଯୋଡାଯାଉ ।

(୪) ସଂବିଧାନରେ ୨୧ ଖ ବୋଲି ଏକ ନୂଆ ଧାରା ଯୋଡାଯାଇ ପ୍ରତି ବ୍ୟକ୍ତିର ଘରୋଇ ଓ ପାରିବାରିକ ଜୀବନ, ଆବାସସ୍ଥଳୀ ତଥା ଚିଠିପତ୍ରର ନିରାପତ୍ତାକୁ ସୁରକ୍ଷା ପ୍ରଦାନ କରାଯାଉ ।

(୫) ଧାରା ୩୦ପରେ ୩୦କ ନାମକ ଏକ ଉପଧାରା ଯୋଡାଯାଇ କୋର୍ଟ ଓ ଟ୍ରିବ୍ୟୁନାଲ୍‌ଗୁଡିକରୁ ନାଗରିକ ଶୀଘ୍ର ଓ ଉଚିତ୍ ନ୍ୟାୟ ପାଇବାର ଅଧିକାରକୁ ଆଇନ୍‌ସିଦ୍ଧ କରାଯାଉ ।

(୬) ଏକ ସଂଖ୍ୟାଲଘୁ ସଂପ୍ରଦାୟର ସର୍ବନିମ୍ନ ଶତକଡା ୧୦ଲୋକେ ଯଦି ଗୋଟିଏ ଭାଷା ବ୍ୟବହାର କରୁଥାନ୍ତି, ତେବେ ସେ ଭାଷାକୁ ରାଜ୍ୟ ସରକାର ସ୍ୱୀକୃତି ଦେବା ବାଞ୍ଛନୀୟ ।

(୭) ବିତ୍ତ କମିଶନ୍ ଢାଞ୍ଚାରେଏକ ସ୍ୱତନ୍ତ୍ର "ଜାତୀୟ ଶିକ୍ଷା କମିଶନ" ଗଢାଯାଉ, ଯେକି ତାଙ୍କର ୫ ବର୍ଷିଆ ରିପୋର୍ଟ ମାଧ୍ୟମରେ ପାର୍ଲାମେଣ୍ଟ ନିକଟରେ ଉତ୍ତରଦାୟୀ ରହିବେ ।

(୮) ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସମନ୍ୱୟର ଭାବ ବୃଦ୍ଧି କରିବା ପାଇଁ ଏକ ଆନ୍ତଃ-ଧର୍ମ କମିଶନ (Inter-Faith Commission) ଗଠନ କରାଯାଉ ।

(୯) ନିର୍ବାଚନରେ ଭୋଟ୍ ଦେବା, ଗଣତାନ୍ତ୍ରିକ ଶାସନପ୍ରକ୍ରିୟାରେ ସକ୍ରିୟ ଭାଗ ନେବା ତଥା ଟିକସ ପଇଠ କରିବାର ମୌଳିକ କର୍ତ୍ତବ୍ୟକୁ ସମ୍ବିଧାନର ଧାରା ୫୧ ଭିତରେ ଅନ୍ତର୍ଭୁକ୍ତ କରାଯାଉ ।

(୧୦) ଗ୍ରାମ ପଞ୍ଚାୟତ ସ୍ତରରେ ଭୋଟର ତାଲିକା ପ୍ରସ୍ତୁତି ଓ ପ୍ରତି ବୟସ୍କ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ ବ୍ୟବସ୍ଥା କରାଯାଉ ତଥା ନିକଟ ନିକଟତମ ଡାକଘରକୁ ଯାଇ ଜଣେ ବ୍ୟକ୍ତି ଭୋଟର୍ ତାଲିକା ସଂଶୋଧନ କରିପାରିବାର ବ୍ୟବସ୍ଥା କରାଯାଉ ।

(୧୧) ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, କେବଳ ପାର୍ଥୀ ଓ ତାଙ୍କର ପ୍ରସ୍ତାବକଙ୍କ ଦ୍ୱାରା ନିର୍ବାଚନରେ ହେଉଥିବା ଖର୍ଚ୍ଚକୁ ଆଇନତଃ ହିସାବ କରାଯାଉଛି । ତେଣୁ ଲୋକ ପ୍ରତିନିଧି ଆଇନ୍ ୧୯୫୧ର ସଂଶୋଧନ କରାଯାଇ ଗୋଟିଏ ପ୍ରାର୍ଥୀ ପାଇଁ ନିର୍ବାଚନ ପ୍ରଚାରରେ ଯେତେସବୁ ସୂତ୍ରରୁ ଖର୍ଚ୍ଚ ହେଉଛି ( ଯଥା- ପାର୍ଥୀ ନିଜେ, ତାଙ୍କ ଦଳ, ପରିବାର ଓ ହିତାକାଂକ୍ଷୀ ଇତ୍ୟାଦିଙ୍କ ଦ୍ୱାରା), ସେସବୁକୁ ନିର୍ବାଚନ ଖର୍ଚ୍ଚର ଅଟକଳ ଭିତରକୁ ନିଆଯାଉ । ପୁଣି ପ୍ରତି ରାଜନୈତିକ ଦଳର ଆୟ ବ୍ୟୟ ହିସାବର ନିୟମିତ ସମୀକ୍ଷା ଓ ସେମାନଙ୍କ ଦ୍ୱାରା ଆୟକର ପ୍ରଦାନ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାପାଇଁ ଆଇନ୍ କରାଯାଉ ।

(୧୨) ରାଜନୈତିକ ଦଳମାନଙ୍କ ଉପରେ ଉପରୋକ୍ତ ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ କରାଗଲା ପରେ ରାଷ୍ଟ୍ର ଦ୍ୱାରା ପ୍ରାର୍ଥୀମାନଙ୍କର ନିର୍ବାଚନୀ ଖର୍ଚ୍ଚ ବହନ କରିବାର ପ୍ରସ୍ତାବ କାର୍ଯ୍ୟକାରୀ କରା ଯାଇପାରେ ।

(୧୩) ଜଣେ ବ୍ୟକ୍ତି ଏକାଧାରରେଏକାଧିକ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ବ୍ୟବସ୍ଥା ଉଠାଇ ଦିଆଯାଉ ।

(୧୪) ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ ଦଳବଦଳ କରୁଥିବା ଲୋକ ପ୍ରତିନିଧି ସଂସଦ ବା ରାଜ୍ୟ ବିଧାୟିକାରୁ ତାଙ୍କର ସଭ୍ୟପଦ ତତ୍‌କ୍ଷଣାତ୍ ହରେଇବେ ବୋଲି ବ୍ୟବସ୍ଥା କରାଯାଉ ।

(୧୫) ରାଜନୈତିକ ଦଳମାନଙ୍କର ପଂଜୀକରଣ ଓ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାପାଇଁ ଏକ ସର୍ବାତ୍ମକ ଆଇନ୍ କରାଯାଉ ।

(୧୬) ଆନ୍ତର୍ଜାତିକ ଚୁକ୍ତିନାମା କରିବା କ୍ଷେତ୍ରରେ ବର୍ତ୍ତମାନ ସଂସଦର କିଛି ଭୂମିକା ନାହିଁ । ଯେ କୌଣସି ଆନ୍ତର୍ଜାତିକ ଚୁକ୍ତିନାମା ସଂସଦରେ ଆଲୋଚିତ ଓ ଅନୁମୋଦିତ ହେଲାପରେ କାର୍ଯ୍ୟକାରୀ ହୋଇପାରିବ ବୋଲି ଆଇନ୍ କରାଯାଉ ।

(୧୭) ସାଂସଦ ଓ ବିଧାୟକମାନଙ୍କର ସ୍ୱାଧିକାର ସଂବଧରେ ସଂବିଧାନରେ ବର୍ତ୍ତମାନ ଯେଉଁ ସଂଜ୍ଞା ରହିଛି, ତାହା ଇଂଲଣ୍ଡର ହାଉସ୍ ଅଫ୍ କମନ୍‌ସ୍‌ର ୧୯୫୦ ମସିହାର ନିର୍ଦ୍ଧାରଣ ଅନୁଯାୟୀ ବ୍ୟାଖ୍ୟା କରା ହୋଇଥାଏ, ଯାହାକି ପୁରୁଣାକାଳିଆ ଓ ଅଚଳ ହୋଇଗଲାଣି । ଏହାର ପୁନଃନିର୍ଦ୍ଧାରଣ ଜରୁରୀ ।

(୧୮) ମହାହିସାବ ରକ୍ଷକ (C&AG)ଙ୍କର ସାଂଗଠନିକ କାର୍ଯ୍ୟକଳାପକୁ ଏକ ସ୍ୱତନ୍ତ୍ର,ନିରପେକ୍ଷ ସଂସ୍ଥାଦ୍ୱାରା ନିୟମିତ ସମୀକ୍ଷା କରାଯିବା ଦରକାର ।

(୧୯) ସାଂସଦ ଓ ବିଧାୟକମାନଙ୍କୁ ଦିଆଯାଉଥିବା ଲାଡ (LAD) ବା ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି ବ୍ୟବସ୍ଥା ବିଭିନ୍ନ ଦୃଷ୍ଟିରୁ ସମ୍ବିଧାନ-ପରିପନ୍ଥୀ ହୋଇଥିବାରୁ ଏହାର ଉଚ୍ଛେଦ ଦରକାର ।

(୨୦) ବଜେଟ୍ ଅନୁମୋଦନ ପ୍ରକ୍ରିୟାର ସଂସ୍କାର ଆବଶ୍ୟକ ।

(୨୧) ଉନ୍ନୟନ ପାଇଁ ଯୋଜନା ପ୍ରକ୍ରିୟା ଜିଲ୍ଲାସ୍ତରରେ ହିଁ ମୂଳତଃ ରୂପାୟିତ ହେବା ଉଚିତ୍ ଓ ଜିଲ୍ଲାସ୍ତରୀୟ ଲୋକପ୍ରତିନିଧି ସଂସ୍ଥାର କର୍ତ୍ତୃତ୍ୱ ଅଧୀନରେ ପରିଚାଳିତ ହେବା ଉଚିତ୍ । ଏହା ଫଳରେ ଜିଲ୍ଲାପ୍ରଶାସନ ଲୋକମାନଙ୍କ ପାଖରେ ପ୍ରତ୍ୟକ୍ଷଭାବେ ଉତ୍ତରଦାୟୀ ହୋଇପାରିବ ।

(୨୨) ସରକାରୀ କର୍ମଚାରୀ ମାନଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି ଇତ୍ୟାଦି ପ୍ରସଙ୍ଗଗୁଡିକୁ ବର୍ତ୍ତମାନର ସରକାରୀ ନିୟନ୍ତ୍ରଣରୁ ମୁକ୍ତ କରି ଏକ ସ୍ୱୟଂକ୍ରିୟ ସଂସ୍ଥା ଉପରେ ନ୍ୟସ୍ତ କରିବାକୁ ପଡ଼ିବ ।

(୨୩) ବର୍ତ୍ତମାନର ସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା **(Permanent Civil Service)** ଏକ ପୁରୁଣା କାଳିଆ ଓ ଔପନିବେଶିକ ପ୍ରଥା ହୋଇଥିବାରୁ ତଥା ଏକ ମଥାଭାରୀ ଓ ଲୋକ-ବିମୁଖୀ ଶାସନ ବ୍ୟବସ୍ଥାକୁ ବଜାୟ ରଖୁଥିବାରୁ, ଏହାର ଉଚ୍ଛେଦ ଆବଶ୍ୟକ ଏବଂ ଏହା ବଦଳରେ ଯୁଗ୍ମସଚିବ ଓ ତଦୁର୍ଦ୍ଧ୍ୱ ପଦବୀଗୁଡିକରେ ନିଯୁକ୍ତିପାଇଁ ଖୋଲାବଜାର ସମେତ ବିଭିନ୍ନ ଉତ୍ସରୁ ପ୍ରାର୍ଥୀ ଚୟନ କରିବା ଦରକାର । ସମ୍ବିଧାନର ଧାରା ୩୧୧ରେ ପ୍ରଶାସକମାନଙ୍କୁ ପ୍ରଦତ୍ତ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାର ଘୋର ଦୁରୁପଯୋଗ ହେଉଥିବାରୁ ତଥା ଏହା ଫଳରେ ଲୋକମାନଙ୍କ ପାଖରେ ସେମାନଙ୍କର ଉତ୍ତରଦାୟିତ୍ୱ ପୁରାପୁରି ଲୋପପାଇ ଯାଇଥିବାରୁ, ଏହି ଧାରାକୁ ବଜାୟ ରଖିବା ସମ୍ବନ୍ଧରେ ପୁନଃସମୀକ୍ଷା ହେବା ଜରୁରୀ ।

(୨୪) ସରକାରୀ ସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ବେଆଇନ୍ କାରବାର ସମ୍ବନ୍ଧିତ ସୂଚନାପ୍ରଦାନ କରୁଥିବା ବ୍ୟକ୍ତିଙ୍କର ସୁରକ୍ଷା ଓ ନିରାପତ୍ତାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପାଶ୍ଚାତ୍ୟ ଦେଶଭଳି ଆମଦେଶରେ ଆବଶ୍ୟକୀୟ ଆଇନ୍-Whistle Blowers Act- ପ୍ରଣୟନ କରାଯାଉ । ନିଜ ସ୍ୱାର୍ଥକୁ ଚରିତାର୍ଥ କରିବାପାଇଁ ରାଷ୍ଟ୍ରର କ୍ଷତିସାଧନ କରୁଥିବା ସରକରୀ କର୍ମଚାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯାଉ ।

(୨୫) ବେନାମୀ କାରବାର (ବିରୋଧ) ଆଇନ୍ ୧୯୮୮ର ଧାରା ଅନୁଯାୟୀ କେନ୍ଦ୍ର ସରକାର ବେନାମୀ ସମ୍ପତ୍ତିର ଉଦ୍ଧାର ପାଇଁ ଆବଶ୍ୟକୀୟ ନିୟମାବଳୀ ପ୍ରଣୟନ କରିବା ଦରକାର ।

(୨୬) ଦୁର୍ନୀତି ନିବାରଣ ଆଇନ୍ ୧୯୮୮ର ସଂଶୋଧନ କରାଯାଇ ବେଆଇନ୍ ସମ୍ପତ୍ତି ଅର୍ଜ୍ଜନ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ସରକାରୀ କର୍ମଚାରୀଙ୍କ ଆୟବହିର୍ଭୁତ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଉ ।

(୨୭) ତଦନ୍ତ କମିଶନ୍ ଆଇନ୍ ୧୯୫୨ ଅନୁଯାୟୀ ବସିଥିବା ଏକ କମିଶନ୍‌ର ବିବରଣୀ ଓ ସୁପାରିଶ୍ ପ୍ରକାଶ ପାଇବାର ୩ମାସ ମଧ୍ୟରେ ସରକାର ଏହାର କାର୍ଯ୍ୟକାରିତା ଉପରେ ନିଜର ଟିପ୍‌ପଣୀ ପ୍ରଦାନ କରିବେ ।

(୨୮) ସୁପ୍ରିମ୍ କୋର୍ଟର ବିଚାରପତିଙ୍କ ନିଯୁକ୍ତି ଦାୟିତ୍ୱ ଏକ ଜାତୀୟ ନ୍ୟାୟ କମିଶନ୍ ଉପରେ ନ୍ୟସ୍ତ କରାଯାଉ । ଜଣେ ସୁପ୍ରିମ୍ କୋର୍ଟ ବା ହାଇକୋର୍ଟ ବିଚାରପତିଙ୍କ ବିରୁଦ୍ଧରେ ଆଗତ ଅଭିଯୋଗକୁ ଏହି କମିଶନଙ୍କ ଦ୍ୱାରା ନିଯୁକ୍ତ ଏକ ଯାଞ୍ଚ କମିଟି ବିଚାର କରି ଦୋଷୀ ସାବ୍ୟସ୍ତ କଲାପରେ, ସଂସଦରେ ବିଧିମତେ ମହାଭିଯୋଗ ଉତ୍‌ଥାପିତ ହୋଇପାରେ ।

(୨୯) ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟ ମାନେହିଁ କେବଳ ଅଦାଲତ ଅବମାନନା ପାଇଁ ଦଣ୍ଡବିଧାନ କରିବାପାଇଁ କ୍ଷମତାପ୍ରାପ୍ତ ରହିବେ । ତଳକୋର୍ଟ ଗୁଡିକର ଏହି କ୍ଷମତା ରହିବନାହିଁ । ଏହି ମର୍ମରେ ସମ୍ବିଧାନର ଧାରା ୧୨୯ରେ ଏକ ବାକ୍ୟଖଣ୍ଡ ଯୋଡାଯିବା ଦରକାର ।

(୩୦) ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟମାନଙ୍କରେ ଯେ କୌଣସି ମୋକଦମା ସାଧାରଣତଃ ୯୦ଦିନ ଭିତରେ ଫଇସଲା ହେବା କଥା । ଯଦି ଏହି ସମୟସୀମା ଭିତରେ ମୋକଦ୍ଦମାଟି ଫଇସଲା ହୋଇନପାରେ, ତେବେ କେଉଁଦିନ ଭିତରେ ଏହା ଫଇସଲା ହେବ, ତାହା କୋର୍ଟ ବିଧିମତେ ପ୍ରକାଶ କରିବେ ।

(୩୧) ରାଜ୍ୟମାନଙ୍କରେ ଥିବା ଆଇନ୍ ସହାୟତା କର୍ତ୍ତୃପକ୍ଷମାନେ ଅଭିଯୁକ୍ତ ଓ ଅଭିଯୋକ୍ତାଙ୍କ ଭିତରେ ବୁଝାମଣା ଆଣିବା ଜରିଆରେ କୋର୍ଟଗୁଡିକ ଉପରେ ମୋକଦମା ଗୁଡିକର ବୋଝ ଲାଘବ କରିବା ଦରକାର ।

(୩୨) ଅପରାଧର ଶୀକାର ହୋଇଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଇନ୍ ପ୍ରଣୟନ କରିବା ଦରକାର ।

(୩୩) ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ପରାମର୍ଶ କଲାପରେ ରାଷ୍ଟ୍ରପତି ରାଜ୍ୟପାଳଙ୍କୁ ନିଯୁକ୍ତି କରିବେ । ପ୍ରତି ରାଜ୍ୟପାଳ ସାଧାରଣତଃ ତାଙ୍କର ୫ବର୍ଷ କାର୍ଯ୍ୟକାଳ ପୂରଣ କରିବେ । ମଝିରେ ରାଜ୍ୟପାଳଙ୍କୁ ବଦଳି ବା ବରଖାସ୍ତ କରିବାକୁ ହେଲେ ରାଷ୍ଟ୍ରପତି ମୁଖ୍ୟମନ୍ତ୍ରୀଙ୍କ ସହ ପରାମର୍ଶ କଲାପରେହିଁ ଏହି ପଦକ୍ଷେପ ନେଇପାରିବେ ।

(୩୪) ରାଜ୍ୟପାଳ ଗୋଟିଏ ବିଲ୍‌କୁ ଅତି ବେଶୀରେ ୬ମାସ ଭିତରେ ଅନୁମୋଦନ କରିବେ, ନଚେତ୍ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବେ; ରାଷ୍ଟ୍ରପତି ୩ ମାସ ମଧ୍ୟରେ ଏହି ବିଲ୍‌କୁ ଅନୁମୋଦନ କରିବେ, ନଚେତ୍ ରାଜ୍ୟପାଳଙ୍କୁ କହିବେ ବିଲ୍‌ଟିକୁ ବିଧାନସଭାକୁ ଫେରସ୍ତ ଦେବାପାଇଁ ବା ଧାରା ୧୪୩ ଅନୁଯାୟୀ ବିଲ୍‌ର ବୈଧତା ସଂବନ୍ଧରେ ସୁପ୍ରିମ୍ କୋର୍ଟଙ୍କ ପରାମର୍ଶ ଲୋଡ଼ିବେ ।

(୩୫) ସଂବିଧାନର ଧାରା ୩୫୬ ( ରାଜ୍ୟରେ ରାଷ୍ଟ୍ରପତିଙ୍କ ଶାସନ ଜାରି )କୁ ଶେଷ ଅସ୍ତ୍ରରୂପେ ବିଚାରିବା ଉଚିତ୍ । ଏହାର ପ୍ରୟୋଗ ପୂର୍ବରୁ ଧାରା ୨୫୬, ୨୫୭ ଓ ୩୫୫ ଅନ୍ତର୍ଗତ ଅନ୍ୟ ସମସ୍ତ ବିକଳ୍ପ ପନ୍ଥାଗୁଡ଼ିକ ବ୍ୟବହାର ହୋଇସାରିଥିବା ଆବଶ୍ୟକ ।

(୩୬) ଗୋଟିଏ ରାଜ୍ୟର ମନ୍ତ୍ରିମଣ୍ଡଳ ବିଧାନସଭାର ଆସ୍ଥା ହରାଇଛି କି ନାହିଁ, ତାହା ବିଧାନସଭା ଗୃହରେ ହିଁ ଚୂଡ଼ାନ୍ତଭାବେ ନିଷ୍ପତ୍ତି ହେବା ଦରକାର । ବିଧାନସଭାର ଆସ୍ଥାଭାଜନ ଥିବାବେଳେ କୌଣସି ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରିବାର ଅଧିକାର ରାଜ୍ୟପାଳଙ୍କର ନାହିଁ ।

(୩୭) ଧାରା ୩୫୬ (୧) ଅନ୍ତର୍ଗତ ରାଷ୍ଟ୍ରପତିଙ୍କ ଜରୁରୀ ପରିସ୍ଥିତି ଘୋଷଣାନାମା ସଂସଦରେ ବିଚାର ଆଲୋଚନା ନ ହେବା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିବନି ବୋଲି ଧାରା ୩୫୬ ର ସଂଶୋଧନ କରାଯାଉ ।

(୩୮) ପଞ୍ଚାୟତ ଓ ନଗରପାଳିକାଗୁଡ଼ିକୁ ସ୍ୱାୟତ୍ତଶାସନ ସଂସ୍ଥାରୂପେ ବାସ୍ତବରେ କ୍ରିୟାଶୀଳ କରିବାପାଇଁ ସଂବିଧାନର ଧାରା ୨୪୩ ର ସଂଶ୍ଳିଷ୍ଟ ଉପଧାରା ଗୁଡ଼ିକରେ ଆବଶ୍ୟକୀୟ ସଂଶୋଧନ କରାଯାଉ, ଯାହା ଫଳରେ ଏକାଦଶ ଓ ଦ୍ୱାଦଶ ସରଣୀ **(Eleventh & Twelfth Schedules )** ରେ ବର୍ଣ୍ଣିତ କର୍ମ ପରିସରସମେତ ଅର୍ଥନୈତିକ ପ୍ରଗତି ଓ ସାମାଜିକ ନ୍ୟାୟ ପାଇଁ ସେମାନେ ଉପଯୁକ୍ତ ଭୂମିକା ଗ୍ରହଣ କରିବା ପାଇଁ ସକ୍ଷମ ହେବେ ।

(୩୯) ଆଞ୍ଚଳିକ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକ ରାଜ୍ୟ ସରକାର ଓ ବ୍ୟାଙ୍କମାନଙ୍କରୁ ଋଣ କରିପାରିବେ ବୋଲି ସେମାନଙ୍କୁ ଆଇନ୍‌ଗତ କ୍ଷମତା ଦିଆଯାଉ ।

(୪୦) ସଂବିଧାନର ନବମ ଭାଗ **(`Part IX)** ରେ ଏକ ବ୍ୟବସ୍ଥା ଯୋଡ଼ା ହେବା ଉଚିତ୍ ଯେ, ରାଜ୍ୟମାନେ ଆଇନ୍ କରି ପଞ୍ଚାୟତଗୁଡ଼ିକୁ କ୍ଷମତା ଦେଇ ପାରିବେ, ଯାହା ଫଳରେକି ପଞ୍ଚାୟତ ପାଇଁ କାର୍ଯ୍ୟକରୁଥିବା ସମସ୍ତ କର୍ମଚାରୀଙ୍କ ଉପରେ ପଞ୍ଚାୟତର ସଂପୂର୍ଣ୍ଣ ପ୍ରଶାସନିକ ନିୟନ୍ତ୍ରଣ ରହି ପାରିବ ତଥା ପଞ୍ଚାୟତମାନେ ନିଜର କର୍ମଚାରୀଙ୍କୁ ନିଜେ ନିଯୁକ୍ତି ଦେଇପାରିବେ ।

(୪୧) ଗୁଜୁରାଟ ଭଳି ପ୍ରତି ରାଜ୍ୟରେ ପଞ୍ଚାୟତ ଗୁଡ଼ିକୁ ନେଇ ଏକ ରାଜ୍ୟ ପଞ୍ଚାୟତ ପରିଷଦ ରହିବ । ମୁଖ୍ୟମନ୍ତ୍ରୀ ଏହାର ଅଧ୍ୟକ୍ଷ ଓ ବିରୋଧୀ ଦଳ ନେତା ଉପାଧ୍ୟକ୍ଷ ରହିବେ ।

(୪୨) ପ୍ରତି ସରକାରୀ ବିଭାଗ ବା ସଂସ୍ଥା ନାଗରିକ ସନନ୍ଦ**(Citizens' Charter)** ପ୍ରସ୍ତୁତି କରିବେ, ଯେଉଁଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଅନୁସୂଚିତ ଜାତି, ଉପଜାତି ଓ ଅନ୍ୟ ଦଳିତ ଗୋଷ୍ଠୀଙ୍କ ପାଇଁ ରହିଥିବା ବିଶେଷ ଅଧିକାର, ରିହାତି ଓ ସୁଯୋଗଗୁଡ଼ିକ ସୁସ୍ପଷ୍ଟଭାବେ ବର୍ଣ୍ଣିତ ଥିବ ।

(୪୩) ଜଣେ ପ୍ରଥମ ବା ଦ୍ୱିତୀୟ ଶ୍ରେଣୀର ଅଫିସରଙ୍କ ନିଯୁକ୍ତି, ବଦଳି ବା ପଦୋନ୍ନତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସେହି ଅଫିସର୍ ସମାଜର ଦଳିତ ବର୍ଗଙ୍କ ପ୍ରତି କି ପ୍ରକାର ମନୋଭାବ ଓ ବ୍ୟବହାର ଗତ ୫ ବର୍ଷର କାର୍ଯ୍ୟକାଳ ଭିତରେ ପ୍ରଦର୍ଶନ କରିଛନ୍ତି, ସେ ସଂବନ୍ଧରେ ଏକ ସାମାଜିକ ନ୍ୟାୟ ପ୍ରମାଣପତ୍ର **(Social Justice Clearance)** ପାଇଥିବା ଜରୁରୀ ।

(୪୪) ଅନୁସୂଚିତ ଜାତି ଓ ଉପଜାତିଙ୍କ ପାଇଁ ରହିଥିବା ସ୍ଥାନ ସଂରକ୍ଷଣ ନିୟମକୁ ଯେଉଁ ଅଫିସର ମାନେ ଜାଣିଶୁଣି କାର୍ଯ୍ୟକାରୀ କରୁନାହାଁନ୍ତି, ସେମାନଙ୍କ ବିରୁଦ୍ଧରେ ଜେଲ୍ ଓ ଅନ୍ୟ ଦଣ୍ଡବିଧାନ ପାଇଁ ସଂବିଧାନର ନବମ ସରଣୀ **( Ninth Schedule)** ରେ ଆଇନ୍‌ଗତ ବ୍ୟବସ୍ଥା ରଖାଯାଉ ।

(୪୫) ସୁପ୍ରିମ୍ କୋର୍ଟ ଓ ହାଇକୋର୍ଟ ମାନଙ୍କରେ ଦଳିତ ଗୋଷ୍ଠୀ ଅନ୍ତର୍ଗତ ଯଥେଷ୍ଟ ସଂଖ୍ୟକ ବିଚାରପତି ନିଯୁକ୍ତ ହେବା ଆବଶ୍ୟକ ।

(୪୬) ଆଦିବାସୀ ମାନଙ୍କର ନିଜସ୍ୱ ସଂସ୍କୃତି ଓ ବୌଦ୍ଧିକ ସଂପତ୍ତି ଉପରେ ଅଧିକାରକୁ ସୁରକ୍ଷା ମିଳିବା ଆବଶ୍ୟକ ।

(୪୭) ସଂବିଧାନର ଷଷ୍ଠ ସରଣୀ **(Sixth Schedule)**ରେ ବର୍ଣ୍ଣିତ ଅଞ୍ଚଳ ମାନଙ୍କ (ଉତ୍ତର-ପୂର୍ବ ରାଜ୍ୟସମୂହ) ପାଇଁ ଲାଗୁ ହେଉଥିବା ସ୍ୱାୟତ୍ତ ଶାସନ ବ୍ୟବସ୍ଥାମାନ ପଞ୍ଚମ ସରଣୀ ବହିର୍ଭୁତ ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳ ପାଇଁ ମଧ୍ୟ ଲାଗୁହେବା ବିଧେୟ ।

(୪୮) ଜଗତୀକରଣ ପ୍ରକ୍ରିୟାରେ କ୍ଷତିଗ୍ରସ୍ତ ହେଉଥିବା କୃଷକ ଓ ଅନ୍ୟାନ୍ୟ ପାରମ୍ପରିକ ଉତ୍ପାଦନକାରୀ ଗୋଷ୍ଠୀମାନଙ୍କର ପ୍ରତିନିଧି ମାନଙ୍କୁ ସାମିଲ୍ କରାଯାଇ ସଂଶ୍ଳିଷ୍ଟ ସରକାରୀ ବିଭାଗଗୁଡିକ ଏକ ମିଳିତ କନ୍‌ଭେନ୍‌ସନ୍ ଆୟୋଜନ କରିବେ ଏବଂ ସେଠାରେ ଜଗତୀକରଣ ଜନିତ ସମସ୍ୟା ଗୁଡିକ ସହିତ ଏହି ବିଶ୍ୱ ବ୍ୟାପୀ ପ୍ରକ୍ରିୟାରୁ କିପରି ସର୍ବାଧିକ ସୁଯୋଗ ନିଆଯାଇ ପାରିବ, ସେ ସମ୍ବନ୍ଧରେ ଏହି କନ୍‌ଭେନ୍‌ସନ୍ ନିଷ୍ପତ୍ତି ନେବ ।

(୪୯) ଅନୁସୂଚିତ ଜାତି, ଉପଜାତି, ପଛୁଆ ଶ୍ରେଣୀ , ମହିଳା , ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ଅନ୍ୟାନ୍ୟ ଦୁର୍ବଳ ଗୋଷ୍ଠୀମାନଙ୍କର ସ୍ୱାର୍ଥର ସୁରକ୍ଷା ଏବଂ ଅଗ୍ରଗତି ପାଇଁ ସଂବିଧାନରେ ସୁନିର୍ଦ୍ଦିଷ୍ଟ ବ୍ୟବସ୍ଥା ମାନ ରହିଛି । ସାଂବିଧାନିକ ଓ ଆଇନ୍‌ଗତ ସଂସ୍କାର ଦ୍ୱାରା ଏହି ବ୍ୟବସ୍ଥାଗୁଡିକୁ ଅଧିକ ଶକ୍ତିଶାଳୀ ଓ ଫଳପ୍ରଦ କରିବାର ଆବଶ୍ୟକତା ରହିଛି ।

(୫୦) ଆଇନ୍‌ପ୍ରଣୟନ ସଭା ଗୁଡିକରେ ସଂଖ୍ୟାଲଘୁ ସଂପ୍ରଦାୟ ବିଶେଷ କରି ମୁସଲମାନଙ୍କର ରାଜନୈତିକ ପ୍ରତିନିଧିତ୍ୱ ସେମାନଙ୍କର ଜନ ସଂଖ୍ୟା ଅନୁପାତରେ ବହୁତ ହ୍ରାସ ପାଇଛି । ଭାରତୀୟ ରାଷ୍ଟ୍ରର ବହୁମୁଖୀ ଚରିତ୍ର **(Pluralist Character of Indian Polity)** ବଜାୟ ରଖିବାକୁ ହେଲେ ରାଜନୈତିକ ଦଳମାନେ ସଂଖ୍ୟାଲଘୁ ସଂପ୍ରଦାୟ ଗୁଡିକ ମଧ୍ୟରେ ସେମାନଙ୍କର ନିଜସ୍ୱ ନେତାଙ୍କ ସଂଖ୍ୟା ବଢେଇବା ଦିଗରେ ଉଦ୍ୟମଶୀଳ ହେବା ବାଞ୍ଛନୀୟ ।

(୫୧) ବିଭିନ୍ନ ଧର୍ମୀୟ ସଂଖ୍ୟାଲଘୁ ସଂପ୍ରଦାୟଙ୍କ ଭିତରେ ଥିବା ପଛୁଆ ଜନଗୋଷ୍ଠୀମାନଙ୍କୁ ହିନ୍ଦୁ ଧର୍ମାବଲମ୍ବୀଙ୍କ ପଛୁଆ ଜନଗୋଷ୍ଠୀଙ୍କ ଭଳି ବିକାଶର ସୁଯୋଗ ସମାନ ଭାବେ ଦିଆଯିବା ଆବଶ୍ୟକ ।

(୫୨) ଭାଷାଗତ ଦୃଷ୍ଟିରୁ ସଂଖ୍ୟାଲଘୁ ଗୋଷ୍ଠୀଙ୍କର ପିଲାମାନଙ୍କୁ ପ୍ରାଥମିକ ଶିକ୍ଷା ସ୍ତରରେ ସେମାନଙ୍କ ନିଜସ୍ୱ ଭାଷାରେ ପାଠ ପଢିବାର ସୁଯୋଗ ଦିଆଯାଉ ।

(୫୩) ୧୯୭୮-୮୦ରେ କୃଷିଶ୍ରମିକ ମାନଙ୍କ ପାଇଁ ତିଆରି ହୋଇଥିବା କେନ୍ଦ୍ରୀୟ ବିଧେୟକ ତୁରନ୍ତ ଆଇନ୍‌ରେ ପରିଣତ ହେବା ଦରକାର ।

(୫୪) ଭିକ୍ଷାବୃତ୍ତି,ବନ୍ଧକଶ୍ରମ ଓ ଶିଶୁଶ୍ରମ ଇତ୍ୟାଦି ପ୍ରଥାକୁ ଆଇନତଃ ନିଷିଦ୍ଧ କରାଯାଇଥିଲେ ହେଁ ସେଗୁଡିକ ବାସ୍ତବରେ ବଢିବଢି ଚାଲିଛି । ୧୯୯୦-୯୧ରେ ଗଠିତ ଗ୍ରାମ୍ୟ ଶ୍ରମିକ କମିଶନ୍ **(Commission for Rural Labour)** ଢାଞ୍ଚାରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ସ୍ୱତନ୍ତ୍ର କର୍ତ୍ତୃପକ୍ଷମାନ ଗଠନ କରାଯାଇ ଉପରୋକ୍ତ ଗୋଷ୍ଠୀମାନଙ୍କର ଥଇଥାନ କରାଯାଉ ।

(୫୫) ବେଶ୍ୟାବୃତ୍ତି, ଶିଶୁମାନଙ୍କୁ ବେଶ୍ୟାବୃତ୍ତିରେ ନିୟୋଜନ ଏବଂ ବେଶ୍ୟାମାନଙ୍କ ଶିଶୁଙ୍କସମସ୍ୟା ବିଷୟରେ ୯ଜୁଲାଇ ୧୯୯୭ରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ଗୌରବ ଜୈନ ମାମଲାରେ ଦିଆଯାଇଥିବା ରାୟ ତଥା ଭାରତ ସରକାରଙ୍କ ସଚୀବସ୍ତରୀୟ କମିଟିର ରିପୋର୍ଟ ୨ଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଦଲିଲ୍ । ସେମାନଙ୍କର ସୁପାରିଶ୍ କାର୍ଯ୍ୟକାରୀ କରାଯାଇପାରିଲେ ଉପରୋକ୍ତ ସମସ୍ୟା ଗୁଡିକ ସମାଧାନ ହେବା ସହିତ ଦେବଦାସୀ ପ୍ରଥାର ଉଚ୍ଛେଦ ତଥା ଏଚ.ଆଇ.ଭି. ଓ ଏଡସ୍ ସମ୍ବନ୍ଧରେ ସଚେତନତାର ପ୍ରସାର ଘଟିପାରିବ ।

**ସଂକଳକ-**

ଚିତ୍ତ ବେହେରା

୪ଇ, ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯, ଫୋନ୍- **0671-2623518**

**Email: chittabehera@rediffmail.com**